# ହରି ସିଂ

# ବନାମ

# ଏମ୍. ପି. ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 898/2007)

3 ଅଗଷ୍ଟ, 2010

[ହର୍ଜିତ୍ ସିଂ ବେଦି ଏବଂ ସି. କେ. ପ୍ରସାଦ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860:*

*ଧାରା 302 – ହତ୍ୟା - ବିଚାରଣ ନ୍ୟାୟାଳୟ ଦ୍ୱାରା ଅଭିଯୁକ୍ତଙ୍କ ଦୋଷସିଦ୍ଧି - ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ - ନିର୍ଣ୍ଣୟ ହେଲା: ନିମ୍ନରେ ଥିବା ଦୁଇଟି ଅଦାଲତ ଦୁଇ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିକୁ ସ୍ୱୀକାର କରିଛନ୍ତି – ଲିପିବଦ୍ଧ ହୋଇଥିବା ସିଦ୍ଧାନ୍ତ ସହିତ ଭିନ୍ନ ହେବାର କୌଣସି କାରଣ ନାହିଁ - ଏହା ମଧ୍ୟ ସତ୍ୟ ଯେ ଦୀର୍ଘ ସମୟ ପରେ ଲିପିବଦ୍ଧ ହୋଇଥିବା ପ୍ରମାଣ କ୍ଷେତ୍ରରେ, କିଛି ଅମେଳ ଆସିବା ନିଶ୍ଚିତ - ଏହା ଗୁରୁତ୍ୱପୂର୍ଣ୍ଣ ଯେ ଘଟଣାର 8-9 ବର୍ଷ ପରେ ପ୍ରମାଣ ଲିପିବଦ୍ଧ କରାଯାଇଥିଲା - ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଡାକ୍ତରୀ ପ୍ରମାଣ ଦ୍ୱାରା ସମ୍ପୂର୍ଣ୍ଣ ସମର୍ଥିତ ହୋଇଛି ଯାହା ମୃତ ଶରୀର ଉପରେ ଆଘାତ ସହିତ ସମ୍ପୂର୍ଣ୍ଣ ମେଳ ଖାଉଛି - ଯେଉଁ ତ୍ୱରିତତା ସହିତ ଏଫ୍. ଆଇ. ଆର୍. ପଞ୍ଜୀକୃତ ହୋଇଥିଲା ତାହା ଅଭିଯୋଗ କାହାଣୀର ସତ୍ୟତାକୁ ସମର୍ଥନ କରେ - ଅଭିଯୁକ୍ତଙ୍କ ଆବେଦନ ଖାରଜ - ପ୍ରମାଣ - ଦୀର୍ଘ ସମୟ ବ୍ୟବଧାନ ପରେ ପ୍ରମାଣ ଲିପିବଦ୍ଧ - ଏହାର ପ୍ରଭାବ - ଏଫ୍. ଆଇ. ଆର୍. - ଏଫ୍. ଆଇ. ଆର୍. ରେ ତ୍ୱରିତତା - ଏହାର ପ୍ରଭାବ ।*

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 898/2007 ।

ଫୌଜଦାରୀ ଆବେଦନ ସଂଖ୍ୟା 269/1997 ରେ ଗ୍ୱାଲିୟରସ୍ଥିତ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ବିଚାରପୀଠର 17.05.2004 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଡ. ସୁଶୀଲ ବଲୱାଡା, ସତ୍ରୀ ପିଲ୍ଲାନିଆ, ଅରୁଣ କେ. ସିଂହ ।

ଉତ୍ତରଦାତାଙ୍କ ପାଇଁ ସିଦ୍ଧାର୍ଥ ଦାଭେ, ବିଭା ଦତ୍ତ ମାଖିଜା, ଜେମ୍ସିବେନ୍ ଆଓ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

ହରି ସିଂ ବନାମ ଏମ୍. ପି. ରାଜ୍ୟ

**ଆଦେଶ**

1. ବିଶେଷ ଅନୁମତି ମାଧ୍ୟମରେ ଏହି ଆବେଦନ ଅତିରିକ୍ତ ଦୌରା ଜଜ୍ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ସମକାଳୀନ ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯେଉଁଥିରେ ଆବେଦନକାରୀ ଭାରତୀୟ ଦଣ୍ଡ ସଂହିତାର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଆଜୀବନ କାରାଦଣ୍ଡ ଏବଂ Rs.500 ର ଜୋରିମାନା ଦଣ୍ଡାଦେଶ ପାଇଛନ୍ତି ଏବଂ ଏହାର ଖିଲାପରେ ଦୁଇ ମାସ ପାଇଁ ସରଳ କାରାବାସ ଭୋଗିବାକୁ ପଡିବ ।

2. ଅଭିଯୋଜନ ପକ୍ଷର କାହାଣୀ ନିମ୍ନରେ ଦିଆଗଲା:

2.1 ପ୍ରଥମ ସୂଚନାଦାତା ପି. ଡବ୍ଲ୍ୟୁ. 1 ରମେଶ ଚନ୍ଦର ଏବଂ ମୃତ ଅଶୋକ କୁମାରଙ୍କ ପିତାଙ୍କୁ ଅନେକ ବର୍ଷ ପୂର୍ବେ ମାଖନ ସିଂ ଡାକୁଙ୍କ ଗ୍ୟାଙ୍ଗ ଦ୍ୱାରା ହତ୍ୟା କରାଯାଇଥିଲା ଏବଂ ସନ୍ଦେହ ଥିଲା ଯେ ଏହା ଏଠାରେ ଥିବା ଆବେଦନକାରୀ ହରି ସିଂ ଠାକୁରଙ୍କ ପରିବାର ସଦସ୍ୟଙ୍କ ପ୍ରରୋଚନାରେ କରାଯାଇଥିଲା । 22/05/1989 ସକାଳ ପ୍ରାୟ 11ଟା ବେଳେ ପି. ଡବ୍ଲ୍ୟୁ. 1-ରମେଶ ଚନ୍ଦର ଏବଂ ଅଶୋକ କୁମାର ପାଣି ଆଣିବା ପାଇଁ ଗାଁ କୂଅକୁ ଯାଇଥିଲେ ଏବଂ ସେହି ଉଦ୍ଦେଶ୍ୟରେ ସେମାନେ ଏକ ଦଉଡ଼ି ଏବଂ ଏକ ବାଲ୍ଟି ନେଇ ଯାଉଥିଲେ । ସେହି ମୁହୂର୍ତ୍ତରେ, ଆବେଦନକାରୀ ହରି ସିଂ ମଧ୍ୟ ତାଙ୍କ ଲାଇସେନ୍ସପ୍ରାପ୍ତ ମଜଲ୍ ଲୋଡିଙ୍ଗ୍ ସଟ୍ ଗନ୍ (ଟୋପିଦାର ସଟ୍ ଗନ୍) ଧରି କୂଅ ପାଖରେ ପହଞ୍ଚିଥିଲେ ଏବଂ ଅଶୋକଙ୍କୁ ଗାଳି ଦେବା ପରେ ଏବଂ ସେ ତାଙ୍କୁ ବେଳେବେଳେ ଅପମାନିତ କରିଥିବାରୁ ସେ ପ୍ରତିଶୋଧ ନେବେ ବୋଲି କହି ତାଙ୍କ ଛାତିରେ ଗୁଳି ଚଳାଇଥିଲେ । ରମେଶ ଚନ୍ଦର ତାଙ୍କ ଭାଇଙ୍କୁ ବଞ୍ଚାଇବାକୁ ଦୌଡ଼ିଥିଲେ କିନ୍ତୁ ଆବେଦନକାରୀ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ, ଯାହାଫଳରେ ସେ ପଳାଇ ଯାଇଥିଲେ । ଏହି ଘଟଣାକୁ ରମେଶ ଚନ୍ଦର ଏବଂ ମୃତ ବ୍ୟକ୍ତିଙ୍କଙ୍କ ମାଆ କଳାବତୀଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତି ମଧ୍ୟ କ୍ୟାପଟେନ ପଟେଲଙ୍କ ଘରୁ ଦେଖିଥିଲେ । ତେବେ ରମେଶ ଚନ୍ଦର ପ୍ରାୟ 7 କିଲୋମିଟର ଦୂରରେ ଥିବା କହଁର ପୋଲିସ ପୋଷ୍ଟକୁ ଯାଇଥିଲେ ଏବଂ ଦିନ ପ୍ରାୟ 1.30ଟା ବେଳେ ପାହାଡଗଡ଼ ପୋଲିସ ଷ୍ଟେସନରେ ଆନୁଷ୍ଠାନିକ ଏଫ୍. ଆଇ. ଆର୍. ପଞ୍ଜୀକୃତ ହୋଇଥିଲା: ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆବଶ୍ୟକ ତଦନ୍ତ କରିଥିଲା । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମଧ୍ୟ ପଠାଯାଇଥିଲା । ଅଭିଯୁକ୍ତଙ୍କୁ 16 ଜୁନ୍, 1989 ରେ ହେପାଜତକୁ ନିଆଯାଇଥିଲା ଏବଂ ହତ୍ୟାରେ ବ୍ୟବହୃତ ହୋଇଥିବା କଥିତ ଅସ୍ତ୍ର ତାଙ୍କ ଲାଇସେନ୍ସପ୍ରାପ୍ତ ମଜଲ୍ ଲୋଡିଙ୍ଗ୍ ସଟ୍ ଗନ୍ କୁ

ମଧ୍ୟ ଜବତ କରାଯାଇଥିଲା । ତଦନ୍ତ ସମୟରେ ଏହା ମଧ୍ୟ ଜଣାପଡ଼ିଥିଲା ଯେ ଉପରୋକ୍ତ ସାକ୍ଷୀମାନଙ୍କ ବ୍ୟତୀତ ରମେଶ ଚନ୍ଦରଙ୍କ ପୁଅ ପି. ଡବ୍ଲ୍ୟୁ. 2 ଭରତ ମଧ୍ୟ କ୍ୟାପଟେନ ପଟେଲଙ୍କ ଘରୁ ଏହି ଘଟଣା ଦେଖିଥିଲେ । ତଦନ୍ତ ଶେଷ ହେବା ପରେ, ଆବେଦନକାରୀଙ୍କୁ ଅଭିଯୁକ୍ତ କରାଯାଇଥିଲା ଏବଂ ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି ବିଚାରକୁ ଅଣାଯାଇଥିଲା । ବିଚାରଣ ନ୍ୟାୟାଳୟ କହିଥିଲେ ଯେ ରମେଶ ଚନ୍ଦର, ପି. ଡବ୍ଲ୍ୟୁ. 1ଙ୍କ ଉପସ୍ଥିତି ଉପରେ ସନ୍ଦେହ କରିବାର କୌଣସି କାରଣ ନାହିଁ କାରଣ ତାଙ୍କର ଉପସ୍ଥିତି ସ୍ୱଭାବିକ ଥିଲା କାରଣ ଦୁଇ ଭାଇ ପାଣି ଆଣିବା ପାଇଁ ଗାଁ କୂଅକୁ ଯାଇଥିବା ବେଳେ ଦିନର ଆଲୋକରେ ଏହି ଘଟଣା ଘଟିଥିଲା । ଏଫ୍. ଆଇ. ଆର୍. ରେ ପି.ଡବ୍ଲ୍ୟୁ. 2 ଭରତଙ୍କ ନାମ ନ ଥିବାରୁ ତାଙ୍କ ଉପସ୍ଥିତି ନେଇ ସନ୍ଦେହ ସୃଷ୍ଟି ହୋଇଥିଲା ବୋଲି ଯୁକ୍ତି ମଧ୍ୟ ଏହାକୁ ଧ୍ୟାନରେ ରଖି ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ରମେଶ ଚନ୍ଦର ସ୍ପଷ୍ଟ ଭାବରେ ତାଙ୍କୁ ଦେଖିପାରି ନଥିଲେ, କାରଣ କ୍ୟାପ୍ଟେନ ପଟେଲଙ୍କ ଘର କିଛି ଦୂରରେ ରହିଥିଲା । ନ୍ୟାୟାଳୟ ଏହା ମଧ୍ୟ କହିଥିଲେ ଯେ ଯଦିଓ ଏଫ୍. ଆଇ. ଆର୍. ରେ ଉଲ୍ଲେଖ କରାଯାଇଥିଲା ଯେ ଛାତିର ଡାହାଣ ପାର୍ଶ୍ୱରେ ଆଘାତ ହୋଇଥିଲା, କିନ୍ତୁ ଶବ ବ୍ୟବଚ୍ଛେଦ ବିବୃତିରେ ବାମ ପାର୍ଶ୍ୱରେ ଆଘାତ ଦର୍ଶାଯାଇଥିଲା, ଏହା ଏକ ବସ୍ତୁଗତ ପରିସ୍ଥିତି ନୁହେଁ କାରଣ ଗୁଳି ଚାଳନା ପରେ କେଉଁଠାରେ ଗୁଳି ବାଜିଥିଲା ତାହା ଜାଣିବା କୌଣସି ସାକ୍ଷୀଙ୍କ ପାଇଁ ଅସମ୍ଭବ ଥିଲା ।

3. ତଦନୁସାରେ ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଉପରୋକ୍ତ ରାୟ ଉଚ୍ଚ ନ୍ୟାୟାଳୟ ଦ୍ୱାରା ମଧ୍ୟ ବଜାୟ ରହିଲା ।

4. ଆବେଦନକାରୀଙ୍କ ଓକିଲ ଡକ୍ଟର ସୁଶୀଲ ବଲୱାଡା ଆଜି ଆମ ସମ୍ମୁଖରେ ଅନେକ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ ଆଘାତର ସ୍ଥାନ ସମ୍ବନ୍ଧରେ ଅନିଶ୍ଚିତତା ପି. ଡବ୍ଲ୍ୟୁ. ରମେଶ ଚନ୍ଦରଙ୍କ ଉପସ୍ଥିତି ଉପରେ ସନ୍ଦେହ ସୃଷ୍ଟି କରିଛି । ସେ ଏହା ମଧ୍ୟ ଉପସ୍ଥାପନ କରିଛନ୍ତି ଯେ ପି. ଡବ୍ଲ୍ୟୁ. 2 ପି. ଡବ୍ଲ୍ୟୁ. 1 ଙ୍କ ପୁଅ ଏବଂ ଏଫ୍. ଆଇ. ଆର୍. ରେ ତାଙ୍କ ନାମ ନ ଥିବାରୁ ତାଙ୍କ ଉପସ୍ଥିତି ସ୍ପଷ୍ଟ କରାଯାଇ ନାହିଁ । ଏହାବ୍ୟତୀତ, ଏହା ମଧ୍ୟ ନିବେଦନ କରାଯାଇଛି ଯେ ସାକ୍ଷୀ ଭାବେ ଉଲ୍ଲେଖ କରାଯାଇଥିବା ଅନ୍ୟ କେତେକ ବ୍ୟକ୍ତିଙ୍କୁ ପରୀକ୍ଷା କରାଯାଇନଥିବା ଯୋଗୁଁ ମଧ୍ୟ, ଅଭିଯୋଗ ପକ୍ଷର କାହାଣୀର ମୂଳ ଆଧାରଟି ସନ୍ଦେହ ଘେରରେ ରହିଥିଲା ।

5. ତେବେ ମଧ୍ୟପ୍ରଦେଶ ରାଜ୍ୟର ବିଜ୍ଞ ଓକିଲ ଶ୍ରୀଯୁକ୍ତ ସିଦ୍ଧାର୍ଥ ଦାଭେ ନିମ୍ନ ଅଦାଲତଗୁଡ଼ିକର ରାୟକୁ ସମର୍ଥନ କରିଥିଲେ । ସେ ଦର୍ଶାଇଛନ୍ତି ଯେ ଜଣେ ଅଭିଯୁକ୍ତଙ୍କ

ମାମଲାରେ ମିଥ୍ୟା ସଂଶ୍ଳିଷ୍ଟତାକୁ ଅଗ୍ରାହ୍ୟ କରାଯିବା ଉଚିତ, ବିଶେଷ କରି ଅନେକ ବର୍ଷ ପୂର୍ବେ ଉଭୟ ପକ୍ଷ ମଧ୍ୟରେ ସ୍ୱୀକାର କରାଯାଇଥିବା ଶତ୍ରୁତା କାରଣରୁ । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଚାକ୍ଷୁଷ ପ୍ରମାଣରେ ଆଘାତର ସ୍ଥାନ ବିଷୟରେ କିଛି ଅନିଶ୍ଚିତତା ରହିଥିବା ଧରିନେଲେ ମଧ୍ୟ, ଡାକ୍ତରୀ ପ୍ରମାଣ ଦ୍ୱାରା ଏହାକୁ ହଟାଇ ଦିଆଯାଇଥିଲା କାରଣ ଶବ ବ୍ୟବଚ୍ଛେଦ ପରୀକ୍ଷା ଉଭୟ ଡାହାଣ ଏବଂ ବାମ ପାର୍ଶ୍ୱରେ ଛାତିର ଡାହାଣ ପାର୍ଶ୍ୱରେ ଗୁଳି ବିକ୍ଷେପକୁ ସୂଚିତ କରିଥିଲା, କାରଣ ଉଭୟ ଫୁସଫୁସ କ୍ଷତିଗ୍ରସ୍ତ ହୋଇଥିଲା ।

6. ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଛୁ ଏବଂ ନଥିକୁ ଅନୁଧ୍ୟାନ କରିଛୁ ।

7. ଦୁଇଟି ଅଦାଲତ ଦୁଇ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିକୁ ସ୍ୱୀକାର କରିଛନ୍ତି । ଲିପିବଦ୍ଧ କରାଯାଇଥିବା ଫଳାଫଳ ସହିତ ବିମତ ହେବାର କୌଣସି କାରଣ ଆମେ ଦେଖୁ ନାହୁଁ । ଏହା ମଧ୍ୟ ସତ୍ୟ ଯେ ଦୀର୍ଘ ସମୟ ପରେ ଲିପିବଦ୍ଧ ହୋଇଥିବା ପ୍ରମାଣ କ୍ଷେତ୍ରରେ କିଛି ଅମେଳ ରହିବା ନିଶ୍ଚିତ ଅଟେ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ବର୍ତ୍ତମାନର ଘଟଣା ମଇ, 1989 ରେ ଘଟିଥିଲା ଏବଂ ଅତିରିକ୍ତ ଦୌରା ଜଜ୍ ଜୁଲାଇ, 1997 ରେ ଦୋଷୀ ସାବ୍ୟସ୍ତ ହୋଇଥିବାର ରାୟ ଦେଇଥିଲେ, ଅର୍ଥାତ୍ ସାକ୍ଷ୍ୟ ଆଠ କିମ୍ବା ନଅ ବର୍ଷ ଧରି ଚାଲିଥିଲା । ଆମେ ଏହା ମଧ୍ୟ ଦେଖୁଛୁ ଯେ ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଡାକ୍ତରୀ ପ୍ରମାଣ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ପ୍ରମାଣିତ ହୋଇଛି । ଅଭିଯୋଗ ପକ୍ଷର ମାମଲା ହେଉଛି ଯେ ପ୍ରାୟ 2 ମିଟରରୁ ଗୁଳି ଚାଳନା କରାଯାଇଥିଲା । ଏହା ହିଁ ସଠିକ୍ ସ୍ଥିତି ବୋଲି ଶବ ବ୍ୟବଚ୍ଛେଦ ବିବୃତି ସୂଚିତ କରେ । ଆମେ ଦେଖୁଛୁ ଯେ ଛାତି ଏବଂ ବାମ ବାହୁର ଉପର ଭାଗରେ ପ୍ରବେଶର ଅନେକ କ୍ଷତ ରହିଛି ଏବଂ ସେଥିମଧ୍ୟରୁ କିଛି ଚାରିପାଖରେ କଳା ପଡ଼ିଯାଇଛି ଏବଂ ପୋଡ଼ି ଯାଇଛି । ଗୁଳିର ବିକ୍ଷେପ ଏବଂ ଗୁଳିର ଛିଦ୍ର ଉପରେ ଅସମାନ କଳା ପଡ଼ିଯିବା ଏବଂ ଜଳିବା ସୂଚିତ କରେ ଯେ ଏକ ପୁରୁଣାକାଳିଆ ଅସ୍ତ୍ର (ଏକ "ଟୋପିଦାର" ସଟ୍ ଗନ୍, ଏକ ମଜଲ୍ ଲୋଡିଂ ଅସ୍ତ୍ର, ଯାହା ପ୍ରାୟତଃ ଏକ ପୁରୁଣାକାଳିଆ ଅସ୍ତ୍ର, ଏବଂ ଯେତେବେଳେ ବନ୍ଧୁକ ପାଉଡର ଏବଂ ଅନିଶ୍ଚିତ ପ୍ରକାରର ଏବଂ ପରିମାଣର ଗୁଳି ଚାଳନା ସହିତ ବ୍ୟବହୃତ ହୁଏ, ଅସମାନ ଏବଂ ଅନିଶ୍ଚିତ ଗୁଳି ଢାଞ୍ଚା ଦେବାର ସମ୍ଭାବନା ଅଛି) ବ୍ୟବହୃତ ହୋଇଥାଇପାରେ । ଡାକ୍ତର ଏହା ମଧ୍ୟ ମତ ଦେଇଥିଲେ ଯେ ଗୁଳିଟି ଏକ ଛୋଟ ବନ୍ଧୁକରୁ ପ୍ରାୟ 2 ମିଟର ଦୂରତାରୁ ଗୁଳି ଚାଳନା କରାଯାଇଥିଲା । ଏହା ସମ୍ପୂର୍ଣ୍ଣ ଭାବେ ମୃତ ଶରୀର ଉପରେ ହୋଇଥିବା କ୍ଷତ ସହ ମେଳ ଖାଉଛି । ଆମେ ଏହା ମଧ୍ୟ ଲକ୍ଷ୍ୟ କରିଛୁ ଯେ ଯେଉଁ ତତ୍ପରତା ସହିତ ପୋଲିସ ଷ୍ଟେସନରେ ଏଫ୍. ଆଇ. ଆର୍. ପଞ୍ଜିକୃତ ହୋଇଥିଲା, ତାହା ଅଭିଯୋଗ

କାହାଣୀର ସତ୍ୟତାକୁ ସମର୍ଥନ କରେ । ଘଟଣା ସ୍ଥଳଟି କହଁର ଥାନାଠାରୁ 7 କିଲୋମିଟର ଦୂରରେ ଥିଲା । ଘଟଣାର ଅଢେଇ ଘଣ୍ଟା ମଧ୍ୟରେ ମୃତକଙ୍କ ଭାଇଙ୍କ ଦ୍ୱାରା ଏଫ୍. ଆଇ. ଆର୍. ରୁଜୁ ହୋଇଥିଲା, ଏବଂ ପରିବାରର ଜଣେ ଘନିଷ୍ଠ ସମ୍ପର୍କୀୟଙ୍କୁ ହତ୍ୟା କରାଯାଇଥିବାରୁ ରମେଶ ଚନ୍ଦର ପୋଲିସ ଷ୍ଟେସନ ଯିବା ପୂର୍ବରୁ ଘଟଣା ସ୍ଥଳରେ ଏକ ଘଣ୍ଟା କିମ୍ବା ତା'ଠାରୁ ଅଧିକ ସମୟ ବ୍ୟତୀତ ହୋଇଥିବ । ତେଣୁ, ଆମେ ଦେଖୁଛୁ ଯେ ଏଫ୍. ଆଇ. ଆର୍. ର ତ୍ୱରିତତା ଅଭିଯୋଗର କାହାଣୀକୁ ସମର୍ଥନ କରେ ।

8. ଏହି ଆବେଦନରେ ଆମେ କୌଣସି ଯଥାର୍ଥତା ପାଉନାହୁଁ । ଖାରଜ କରାଗଲା ।

ଆର୍.ପି. ଆବେଦନ ଖାରଜ ହେଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।